# CSM – 40/17

# Indian Language & Literature in Odia

## Paper – I

*Time : 3 hours*

*Full Marks : 300*

*The figures in the right-hand margin indicate marks.*

*Candidates should attempt Q. No. 1 from Section – A and Q. No. 5 from Section – B which are compulsory and* ***three*** *of the remaining questions selecting at least* ***one*** *from each Section.*

## SECTION – A

1. ଯେକୌଣସି ତିନୋଟି ପ୍ରଶ୍ନର ଉତ୍ତର ଦିଅ : 20×3 = 60

(କ) ଓଡ଼ିଆ ଭାଷା ଉପରେ ଦ୍ରାବିଡ଼ ଭାଷାର ପ୍ରଭାବ ଏକାଧିକ ଦୃଷ୍ଟାନ୍ତ ସହ ଆଲୋଚନା କର ।

(ଖ) ବାକ୍ୟବିନ୍ୟାସ (Syntax) ବିଜ୍ଞାନ କ'ଣ ? ଉଦାହରଣ ସହିତ ଓଡ଼ିଆ ବାକ୍ୟବିଚାର ସଂପର୍କରେ ଆଲେଖ୍ୟ ପ୍ରସ୍ତୁତ କର ।

(ଗ) ଭାଷାର ଅର୍ଥ ପରିବର୍ତ୍ତନର କାରଣଗୁଡ଼ିକ ସଂପର୍କରେ ବ୍ୟାପକ ଆଲୋଚନା କର ।

(ଘ) ଆମ ସାଂସ୍କୃତିକ ପରିମଣ୍ଡଳରେ ସୁଭାଷଣ (Euphemism)ର ଗୁରୁତ୍ୱ ବିଚାର କର ।

2. ପ୍ରାଚୀନ ଓଡ଼ିଆ ସାହିତ୍ୟରୁ ଉଦାହରଣ ଦେଇ ଓଡ଼ିଆ ଭାଷାର ବିକାଶକ୍ରମ ନିରୂପଣ କର । 60

3. ବ୍ୟାକରଣରେ ଦକ୍ଷତା ଭାଷା ବ୍ୟବହାରକୁ କିପରି ମାର୍ଜିତ କରେ ଉଦାହରଣ ସହିତ ଦର୍ଶାଅ । 60

4. ବର୍ଣ୍ଣାଶୁଦ୍ଧି ନିରାକରଣ ଓଡ଼ିଆ ପଠନ ଓ ଲିଖନର ପ୍ରାଥମିକ ଆବଶ୍ୟକତା- ଏହି ଉକ୍ତିର ସାର୍ଥକତା ପ୍ରତିପାଦନ କର । 60

## SECTION – B

5. ଯେକୌଣସି ତିନୋଟି ପ୍ରଶ୍ନର ଉତ୍ତର ଦିଅ : 20×3 = 60

(କ) ପଞ୍ଚସଖା ସାହିତ୍ୟର ସାମାଜିକ ପୃଷ୍ଠଭୂମି

(ଖ) ଓଡ଼ିଆ କାଞ୍ଚନିକ କାବ୍ୟର ଧାରା

(ଗ) ସ୍ୱତନ୍ତ୍ର କାବ୍ୟରୂପ ଭାବେ 'କୋଇଲି'

(ଘ) ବିଂଶ ଶତକର ଓଡ଼ିଆ ପ୍ରବନ୍ଧ ସାହିତ୍ୟ

6. ଓଡ଼ିଆ ପଦାବଳୀ ସାହିତ୍ୟର ସ୍ୱାତନ୍ତ୍ର୍ୟ ବିଶ୍ଳେଷଣ କର । 60

7. ଊନବିଂଶ ଶତକର ନବଜାଗରଣ ଓ ଓଡ଼ିଆ ସାହିତ୍ୟ ଉପରେ ତାହାର ସାମଗ୍ରିକ ପ୍ରଭାବ ଆକଳନ କର । 60

8. ଦେଶାତ୍ମବୋଧକ ଓଡ଼ିଆ କବିତାର ବୈଚିତ୍ର୍ୟ ସଂପର୍କରେ ନିବନ୍ଧ ଲେଖ । 60